# NATIONAL NEWS BULLETIN (ODIA)

**27 February - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଷ୍ଟାଚ୍ୟୁ ଅଫ୍ ୟୁନିଟି ପରିଦର୍ଶନ କରି ଲୌହପୁରୁଷ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ରାଷ୍ଟ୍ରପତି

- ଭାରତ ନିଜ ଐତିହ୍ୟକୁ ନେଇ ନୂଆ ଉତ୍ସାହର ସହିତ ଅଗ୍ରସର ହେଉଛି, କହିଲେ, ପ୍ରଧାନମନ୍ତ୍ରୀ

- ଚଳିତବର୍ଷର ମହାକୁମ୍ଭ ଭାରତର ଆସ୍ଥା ଏବଂ ଏକତାର ପରିଚୟ ବୋଲି କହିଛନ୍ତି, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

- କୋଇଲା କ୍ଷେତ୍ରରେ ନିବେଶ ଲାଗି ମୁମ୍ବାଇରେ ଆସନ୍ତାକାଲି କୋଇଲା ମନ୍ତ୍ରଣାଳୟ ଆୟୋଜନ କରୁଛି, ରୋଡ୍ ଶୋ’

ଏବଂ

- ଆଇସିସି ଚାମ୍ପିଅନ୍ସ ଟ୍ରଫି କ୍ରିକେଟ୍‌ରେ ଆଜି ମୁହାଁମୁହିଁ ହେବେ ପାକିସ୍ତାନ ଓ ବାଂଲାଦେଶ

# ଏଫ୍‌ଏମ୍‌-କନ୍‌କ୍ଲେଭ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ବିଶ୍ୱସ୍ତରରେ ଅନେକ ଆହ୍ୱାନ ସତ୍ତ୍ୱେ ଭାରତ ବିକାଶ ରାସ୍ତାରେ ଅଗ୍ରସର ହେଉଛି । ଆଜି ନୂଆଦିଲ୍ଲୀରେ ଏକ ମିଡ଼ିଆ କନ୍‌କ୍ଲେଭକୁ ସେମ୍ବୋଧିତ କରି ସେ କହିଛନ୍ତି ବିଶ୍ୱସ୍ତରୀୟ ଯୋଗାଣ ଶୃଙ୍ଖଳାର ବିକେନ୍ଦ୍ରୀକରଣ ଯୋଗୁଁ ଅନେକଗୁଡ଼ିଏ ପ୍ରତିବନ୍ଧକ ସୃଷ୍ଟି ହେଉଛି । ସେ କହିଛନ୍ତି ବିଶ୍ୱସ୍ତରୀୟ ବ୍ୟବସ୍ଥା ବିକଶିତ ଦେଶଗୁଡ଼ିକ ଦ୍ୱାରା ନିର୍ଦ୍ଧାରଣ କରାଯିବା ଉଚିତ୍ ନୁହେଁ । ବାଣିଜ୍ୟ ଏବଂ ଉଦ୍ୟୋଗ ନୂଆ ବିଶ୍ୱ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ଏବଂ ଭାରତକୁ ଏଥିରେ ଭାଗିଦାର ହେବାକୁ ପଡିବ । ଅର୍ଥମନ୍ତ୍ରୀ କହିଛନ୍ତି ବିକଶିତ ଦେଶଗୁଡ଼ିକୁ ପ୍ରତିଭାସମ୍ପନ୍ନ ବ୍ୟକ୍ତିତ୍ୱର ଆବଶ୍ୟକତା ରହିଛି । ଭାରତକୁ ନିଜର ରଣନୈତିକ ଆବଶ୍ୟକତା ଗୁଡ଼ିକ ସବୁଠରୁ ଊର୍ଦ୍ଧ୍ୱରେ ରଖି ବିକାଶ ରାସ୍ତାରେ ଅଗ୍ରସର ହେବାକୁ ପଡିବ । ସେ କହିଛନ୍ତି ଦେଶର ବୃଦ୍ଧି ପାଉଥିବା ମଧ୍ୟମ ବର୍ଗ ଗରିବ ଏବଂ ଉଦ୍ୟମୀ ବର୍ଗର ଆଶା ଆକାଂକ୍ଷା ପୂରଣ କରିବା ଲାଗି ମୂଳ ସମସ୍ୟା ଉପରେ ଅଧିକ ଧ୍ୟାନ ଦେବାକୁ ପଡିବ ।

# ପ୍ରଧାନମନ୍ତ୍ରୀ-ମହାକୁମ୍ଭ

ପ୍ରୟାଗରାଜ ମହାକୁମ୍ଭକୁ ଏକତାର ମହାଯଜ୍ଞ ଭାବେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଦେଶ ନିଜର ଐତିହ୍ୟକୁ ନେଇ ଗର୍ବ କରୁଛି ଏବଂ ନୂଆ ଉତ୍ସାହର ସହିତ ଆଗକୁ ବଢୁଛି । ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ ନିଜ ଭାବନା ପ୍ରକାଶ କରି କହିଛନ୍ତି ଏହି ପରିବର୍ତ୍ତନ ନୂଆ ଯୁଗର ଆରମ୍ଭ ମାତ୍ର ଅଟେ । ପ୍ରଧାନମନ୍ତ୍ରୀ କହିଛନ୍ତି ମହାକୁମ୍ଭରେ କୋଟି କୋଟି ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଆଗମନ କେବଳ ଏକ ରେକର୍ଡ ନୁହେଁ ବରଂ ଭାରତୀୟ ସଂସ୍କୃତି ଏବଂ ଐତିହ୍ୟକୁ ଅନେକ ଶତାବ୍ଦୀ ପର୍ଯ୍ୟନ୍ତ ସମୃଦ୍ଧ ରଖିବା ଲାଗି ଏକ ମୁଳଦୁଆ । ମହାକୁମ୍ଭର ସଫଳ ଆୟୋଜନ ପାଇଁ ପ୍ରଧାନମନ୍ତ୍ରୀ ସନ୍ତୋଷବ୍ୟକ୍ତ କରିବା ସହିତ ଲୋକମାନଙ୍କ କଠିନ ପରିଶ୍ରମ, ଉଦ୍ୟମ ଏବଂ ଦୃଢ଼ ସଂକଳ୍ପକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ମହାକୁମ୍ଭ ସମୟରେ ୧୪୦କୋଟି ଭାରତୀୟଙ୍କ ଆସ୍ଥା ସମସ୍ତଙ୍କୁ ଅଭିଭୂତ କରିଛି । ସେ କହିଛନ୍ତି ଏହି ମହାକୁମ୍ଭରେ ସମାଜର ପ୍ରତ୍ୟେକ ବର୍ଗ ଏବଂ ପ୍ରତ୍ୟେକ କ୍ଷେତ୍ରର ଲୋକମାନେ ଏକତ୍ର ହୋଇଥିଲେ ।

# ରେଡ୍ଡି-କୋଲ୍ ରୋଡ ଶୋ’

କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ ଆସନ୍ତାକାଲି ମୁମ୍ବାଇରେ ଏକ ରୋଡ ଶୋ’ରେ ଭାଗନେବେ । କୋଇଲା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ରୋଡ ଶୋ’ରେ କୋଇଲା କ୍ଷେତ୍ରରେ ନିବେଶ ଏବଂ ବାଣିଜ୍ୟିକ କୋଇଲା ଖଣି ନିଲାମ ସମ୍ପର୍କିତ ପ୍ରଦର୍ଶନ କରାଯିବ । ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଭାଗିଦାରୀ, ଉଦ୍ୟୋଗୀ ଏବଂ ନିବେଶକମାନେ ଏକତ୍ର ହେବେ ।

କୋଇଲା ମନ୍ତ୍ରଣାଳୟର ସଚିବ ବିକ୍ରମ ଦେବଦତ୍ତ, ଅତିରିକ୍ତ ସଚିବ ରୂପିନ୍ଦର ବରାର ଏବଂ ମନ୍ତ୍ରଣାଳୟର ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ରୋଡ ଶୋ’ରେ ସାମିଲ ହେବେ । ମୁମ୍ବାଇରେ ଆୟୋଜିତ ହେବାକୁ ଥିବା ଏହି ରୋଡ ଶୋ’ ରାଷ୍ଟ୍ରବ୍ୟାପୀ ପୁଞ୍ଜିନିବେଶକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଅଭିଯାନର ଅଂଶବିଶେଷ । ଏହା ମାଧ୍ୟମରେ ମନ୍ତ୍ରଣାଳୟ ସ୍ୱଚ୍ଛ, ନିବେଶକ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବାର ଆଶା ରହିଛି ।

# ଅମିତ ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ସତନା ଜିଲ୍ଲାର ଚିତ୍ରକୂଟରରେ ଭାରତରନ୍ ନାନାଜି ଦେଶମୁଖଙ୍କ ୧୫ତମ ପୁଣ୍ୟତିଥିରେ ସାମିଲ ହେବେ । ଦିନ୍ ଦୟାଲ ଗବେଷଣା ସଂସ୍ଥାନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ଉପସ୍ଥିତ ରହିବେ । ଦୀନଦୟାଲ ଗବେଷଣା ପ୍ରତିଷ୍ଠାନର ମହାପ୍ରବନ୍ଧକ ଅମିତାଭ ବଶିଷ୍ଟ କହିଛନ୍ତି ଶ୍ରଦ୍ଧାଞ୍ଜଳି ସମାରୋହରେ ସନ୍ଥ ମୁରାରି ବାପୁ ଏବଂ ସ୍ୱାମୀ ଅଚଳାନନ୍ଦାଚାର୍ଯ୍ୟ ମହାରାଜଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହେବେ ।

# ଗୁଜୁରାଟ ଏକ୍ସାମ

ଗୁଜୁରାଟ ମାଧ୍ୟମିକ ଏବଂ ଉଚ୍ଚମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଛି । ରାଜ୍ୟର ୧୪ଲକ୍ଷ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେଉଛନ୍ତି । ମାର୍ଚ୍ଚ ୧୭ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ । ଦଶମ ଶ୍ରେଣୀ ପାଇଁ ୯ଶହ ଅଣାନବେଟି ଏବଂ ଦ୍ୱାଦଶ ପାଇଁ ୬୭୨ଟି ପରୀକ୍ଷା କେନ୍ଦ୍ର କରାଯାଇଛି । ଶାନ୍ତିପୂର୍ଣ୍ଣ ଭାବେ ପରୀକ୍ଷା କରିବା ଲାଗି ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ସମସ୍ତ ବିଦ୍ୟାଳୟରେ ସିସିଟିଭି କ୍ୟାମେରା ଲଗାଯିବା ସହ ପ୍ରଶ୍ନପତ୍ର ନେବାଆଣିବା ଉପରେ ନଜର ରଖାଯାଇଛି ।

# ପ୍ରେସିଡେଣ୍ଟ ଗୁଜୁରାଟ ଭିଜିଟ୍

୪ଦିନିଆ ଗୁଜୁରାଟ ଗସ୍ତରେ ଯାଇଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସକାଳେ ଷ୍ଟାଚ୍ୟୁ ଅଫ୍ ୟୁନିଟି ପରିଦର୍ଶନ କରି ଲୌହପୁରୁଷ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ପୁଷ୍ପାର୍ଘ୍ୟ ଅର୍ପଣ କରିଛନ୍ତି । ରାଷ୍ଟ୍ରପତି ଏହି ଅବସରରେ ଏକତା ନଗର ପରିଦର୍ଶନ କରି ବିଭିନ୍ନ ବନ୍ୟପ୍ରାଣୀ ବୁଲି ଦେଖିଛନ୍ତି । ଶ୍ରୀମତୀ ମୁର୍ମୁ ଏକତା ନଗରରେ ଏକତା କୌଶଳ ବିକାଶ କେନ୍ଦ୍ର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ସେଠାରେ ସେ ପ୍ରଶିକ୍ଷାର୍ଥୀମାନଙ୍କ ସହିତ କଥାବାର୍ତ୍ତା କରିବେ । ପରେ ରାଷ୍ଟ୍ରପତି ଅହମ୍ମଦାବାଦର ଜାତୀୟ ଡିଜାଇନ୍ ପ୍ରତିଷ୍ଠାନର ୪୪ତମ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେବେ । ଏହି ଉତ୍ସବରେ ରାଷ୍ଟ୍ରପତି ୪୩୦ଜଣ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଡିଗ୍ରୀ ପ୍ରଦାନ କରିବେ ।

ଆସନ୍ତାକାଲି ଶ୍ରୀମତୀ ମୁର୍ମୁ ଗାନ୍ଧୀନଗର ସ୍ଥିତ ଜାତୀୟ ଫରେନ୍‌ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେବା ପରେ ଭୁଜ୍ ଠାରେ ସ୍ମୃତିବନ୍ ଭୂକମ୍ପ ସ୍ମାରକୀ ପରିଦର୍ଶନ କରିବେ । ମାର୍ଚ୍ଚ ୧ ତାରିଖ ଦିନ ରାଷ୍ଟ୍ରପତି ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳୀ ଧୋଲାଭିରା ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

# ବୈଷ୍ଣବ-ପ୍ରୟାଗରାଜ ଜଙ୍କସନ

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ପ୍ରୟାଗରାଜ ମହାକୁମ୍ଭ ନିମନ୍ତେ ୧୬ ହଜାରରୁ ଅଧିକ ଟ୍ରେନ୍ ଚଳାଚଳ କରିଥିଲା। ପ୍ରୟାଗରାଜ ଜଙ୍କସନ୍‌ଠାରେ ଆଜି ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ବୈଷ୍ଣବ କହିଛନ୍ତି, ପ୍ରୟାଗରାଜରୁ ୪ କୋଟି ୫୦ ଲକ୍ଷରୁ ଅଧିକ ଯାତ୍ରୀ ଟ୍ରେନ୍‌ରେ ଯାତ୍ରା କରିଛନ୍ତି। ମହାକୁମ୍ଭ ସମୟରେ ସ୍ୱାଭାବିକ ଟ୍ରେନ୍ ଚଳାଚଳ ଲାଗି ଗତ ଅଢ଼େଇ ବର୍ଷ ହେବ ପ୍ରସ୍ତୁତି ଚାଲିଥିଲା ଏବଂ ଏଥିରେ ୫ ହଜାର କୋଟି ଟଙ୍କା ବ୍ୟୟ କରାଯାଇଥିଲା। ସେ କହିଛନ୍ତି, ମହାକୁମ୍ଭ ପାଇଁ ୨୧ଟିରୁ ଅଧିକ ଫ୍ଲାଇ ଓଭର ଏବଂ ଅଣ୍ଡରପାସ୍ ନିର୍ମାଣ କରାଯାଇଛି। ଏ ସବୁ ନିର୍ମାଣ କାର୍ଯ୍ୟ ସମୟରେ ଯାତ୍ରୀମାନଙ୍କ ସହଜ ଯାତ୍ରାକୁ ଧ୍ୟାନରେ ରଖାଯାଇଥିଲା।

## -V/O- 1

ଶ୍ରୀ ବୈଷ୍ଣବ କହିଛନ୍ତି, ଜିଆରପି, ପୁଲିସ୍, ଆଇପିଏଫ୍ ଏବଂ ରେଳବାଇ ସମେତ ବିଭିନ୍ନ ସଂସ୍ଥାର ମିଳିତ ପ୍ରୟାସ ଯୋଗୁଁ ମହାକୁମ୍ଭର ସଫଳ ଆୟୋଜନ ହୋଇପାରିଛି। ଚଳିତବର୍ଷର ମହାକୁମ୍ଭ ଭାରତର ଆସ୍ଥା ଏବଂ ଏକତାର ପରିଚୟ ଥିଲା ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି।

## -V/O- 2

# ଫିସରମ୍ୟାନ୍ ରିଲିଜ୍

ଶ୍ରୀଲଙ୍କାର ଜେଲ୍‌ରୁ ମୁକ୍ତ ହୋଇଥିବା ୨୭ ଜଣ ମତ୍ସ୍ୟଜୀବୀ ଆଜି ଚେନ୍ନାଇରେ ପହଂଚିଛନ୍ତି। ତାମିଲନାଡୁ ରାଜ୍ୟ ମତ୍ସ୍ୟପାଳନ ବିଭାଗର ଅଧିକାରୀମାନେ ସେମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ପୈତୃକ ସ୍ଥାନକୁ ପଠାଇବା ବ୍ୟବସ୍ଥା କରିଛନ୍ତି। ସମ୍ପୃକ୍ତ ୨୭ ଜଣ ମତ୍ସ୍ୟଜୀବୀଙ୍କୁ ଆନ୍ତର୍ଜାତିକ ଜଳସୀମା ମଧ୍ୟରେ ପ୍ରବେଶ କରିବା ଅଭିଯୋଗରେ ଶ୍ରୀଲଙ୍କାର ନୌସେନା ଅଧିକାରୀମାନେ ଗତବର୍ଷ ଡିସେମ୍ବର ୧୩, ୨୩ ଓ ଚଳିତବର୍ଷ ଜାନୁୟାରୀ ୨୬ ତାରିଖରେ ଗିରଫ କରିଥିଲେ। ସେମାନଙ୍କୁ ରାମେଶ୍ୱରମ୍ ନିକଟରେ ଗିରଫ କରାଯାଇଥିଲା ଓ ସେମାନଙ୍କ ଡଙ୍ଗାକୁ ଜବତ କରାଯାଇଥିଲା। ରାଜ୍ୟ ସରକାର ଏବଂ ବିଦେଶ ମନ୍ତ୍ରଣାଳୟର ହସ୍ତକ୍ଷେପ ପରେ ଶ୍ରୀଲଙ୍କା ସରକାର ୨୭ ଜଣ ମତ୍ସ୍ୟଜୀବୀଙ୍କୁ ମୁକ୍ତ କରିବା ଲାଗି ନିଷ୍ପତ୍ତି ନେଇଥିଲେ।

# ଡବ୍ଲ୍ୟୁପିଏଲ୍-କ୍ରିକେଟ୍

ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରିମିୟର ଲିଗ୍‌ରେ ଆଜି  ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ଠାରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଗୁଜରାଟ ଜାଏଣ୍ଟସ୍ ମଧ୍ୟରେ ମୁକାବିଲା ହେବ ।

ଗତକାଲି ରାତିରେ ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ' ୟୁ.ପି. ୱାରିୟର୍ସ୍‌କୁ ୮ ୱିକେଟ୍‌ରେ ପରାସ୍ତ କରିଛି । ମୁମ୍ବାଇ ଇଣ୍ଡିଆନ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ୟୁ.ପି. ୱାରିୟର୍ସ୍ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ୧୪୨ରନ୍ କରିଥିଲା । ମୁମ୍ବାଇ ପକ୍ଷରୁ ନାଟ୍ ସ୍କିଭର୍ ବ୍ରଣ୍ଟ୍ ୩ ଟି ୱିକେଟ୍ ନେଇଥିଲେ ।

୧୪୩ ରନ୍ ବିଜୟ ଲକ୍ଷ୍ୟର ପିଛା କରି ମୁମ୍ବାଇ ଇଣ୍ଡିଆନ୍ସ ୧୭ ଓଭରରେ ୨ଟି ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲେ । ଦଳ ପକ୍ଷରୁ ନାଟ୍ ସ୍କିଭର୍ ବ୍ରଣ୍ଟ୍ ମାତ୍ର ୪୪ଟି ବଲ୍‌ରୁ ସର୍ବାଧିକ ୭୫ରନ୍ କରିବା ସହିତ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ସେହିଭଳି ହାଲେ ମ୍ୟାଥ୍ୟୁସ୍ ମଧ୍ୟ ୫୦ଟି ବଲ୍‌ରୁ ୫୯ରନ୍ କରିଥିଲେ ।

# କ୍ରିକେଟ୍-ଆଇସିସି ଚାମ୍ପିୟନ୍ସ ଟ୍ରଫି

ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ଗ୍ରୁପ୍-ଏର ଏକ ମ୍ୟାଚ୍‌ରେ ଆଜି ରାଓଲପିଣ୍ଡିଠାରେ ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ଭାରତୀୟ ସମୟ ଅପରାହ୍ଣ ୨ଟା ୩୦ ମିନିଟ୍‌ରେ ଆରମ୍ଭ ହେବ । ଉଭୟ ଦଳ ସେମିଫାଇନାଲ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଥିବାବେଳେ ଏହି ଟୁର୍ଣ୍ଣାମେଣ୍ଟରେ ନିଜର ପ୍ରଥମ ବିଜୟ ହାସଲ ଲାଗି ପ୍ରଚେଷ୍ଟା ଜାରି ରଖିଛନ୍ତି ।

ଗତକାଲି ଲାହୋର୍‌ରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଆଫ୍‌ଗାନିସ୍ତାନ ଇଂଲଣ୍ଡକୁ ୮ ରନ୍‌ରେ ପରାସ୍ତ କରିଛି । ସ୍ଥାନୀୟ ଗଦାଫି ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଆଫ୍‌ଗାନିସ୍ତାନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୭ ଓ୍ୱିକେଟ୍ ହରାଇ ୩୨୫ରନ୍ କରିଥିଲା । ୩୨୬ରନ୍ ବିଜୟ ଲକ୍ଷ୍ୟର ପିଛା କରି ଇଂଲଣ୍ଡ ଦଳ ୪୯ ଓଭର ୫ଟି ବଲ୍‌ରେ ୩୧୭ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ପଏଣ୍ଟ ତାଲିକାରେ ଗ୍ରୁପ୍-ଏ ନିଉଜ୍‌ଲାଣ୍ଡ ଏବଂ ଭାରତ ୪ ପଏଣ୍ଟ ସହ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଗ୍ରୁପ୍-ବିରେ ଦକ୍ଷିଣ ଆଫ୍ରିକା ଏବଂ ଅଷ୍ଟ୍ରେଲିଆ ୩ ପଏଣ୍ଟ ସହ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଅଛନ୍ତି ।

# ଟ୍ରମ୍ପ-ୟୁକ୍ରେନ୍

ୟୁକ୍ରେନ୍ ରାଷ୍ଟ୍ରପତି ଭ୍ଲାଦିମିର୍ ଜେଲେନ୍ସ୍କି ଆସନ୍ତାକାଲି ହ୍ୱାଇଟ୍‌ହାଉସ୍ ଗସ୍ତ କରିବେ ବୋଲି ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି । ସେ କହିଛନ୍ତି, ଏହି ଗସ୍ତ ଅବସରରେ ଶ୍ରୀ ଜେଲେନ୍ସ୍କି ୟୁକ୍ରେନ୍‌ର କେତେକ ଗୁରୁତ୍ୱପୂର୍ଣ୍ଣ ଖଣିଜପଦାର୍ଥ ଉପରେ ଆମେରିକାର ଅଧିକାର ସମ୍ପର୍କିତ ରାଜିନାମାରେ ସ୍ୱାକ୍ଷର କରିବେ । ଏତଦ୍‌ବ୍ୟତୀତ ୟୁକ୍ରେନ୍ ଯୁଦ୍ଧ ସମ୍ପର୍କିତ ରାଜିନାମା ମଧ୍ୟ ସ୍ୱାକ୍ଷରିତ ହେବ ବୋଲି ଶ୍ରୀ ଟ୍ରମ୍ପ୍ କହିଛନ୍ତି । ଗତକାଲି ହ୍ୱାଇଟ୍‌ହାଉସ୍ ଠାରେ ଅନୁଷ୍ଠିତ ଆମେରିକାର ପ୍ରଥମ କ୍ୟାବିନେଟ୍ ବୈଠକରେ ରାଷ୍ଟ୍ରପତି ଟ୍ରମ୍ପ୍ କହିଛନ୍ତି, ରୁଷ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ସମାପ୍ତ କରିବା ଦିଗରେ ସେ ଉଭୟ ଦେଶର ରାଷ୍ଟ୍ରପତିଙ୍କ ସହିତ ଆଲୋଚନା କରିଛନ୍ତି । ଏହି ଯୁଦ୍ଧରେ ଉଭୟ ଦେଶର ଅନେକ ନାଗରିକଙ୍କର ମୃତ୍ୟୁ ହେବା ସହିତ ବିଶ୍ୱର ବିଭିନ୍ନ ସ୍ଥାନରେ ଏହାର ପ୍ରତ୍ୟକ୍ଷ ବା ପରୋକ୍ଷ ପ୍ରଭାବ ଦେଖିବାକୁ ମିଳିଛି । ତେଣୁ ଏ ଦିଗରେ ଖୁବ୍ ଶୀଘ୍ର ଏକ ରାଜିନାମା ସ୍ୱାକ୍ଷରିତ ହେବ ବୋଲି ଶ୍ରୀ ଟ୍ରମ୍ପ୍ ସୂଚନା ଦେଇଛନ୍ତି ।